# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 02nd January – 2026

******************************

## ମୁଖ୍ୟ ସମ୍ବାଦ

- ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରକୁ ଖୁବ୍ ଶୀଘ୍ର କୁଟୁମ୍ବ ଯୋଜନାରେ ସାମିଲ କରିବେ ସରକାର
- ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ ଯୋଜନାର ତୃତୀୟ ପର୍ଯ୍ୟାୟରେ ୨୨ଟି ନୂତନ ପ୍ରସ୍ତାବକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ
- ତୃଣମୂଳ ସ୍ତରରେ ପ୍ରଶାସନକୁ ଆହୁରି ସୁଦୃଢ଼ କରିବା ସହ ଲୋକଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯିବ;

— ଗୃହ ବିଭାଗର ସଚିବ ଭାବେ ଦାୟିତ୍ୱ ଗ୍ରହଣ ପରେ କହିଲେ ହେମନ୍ତ ଶର୍ମା

ଏବଂ

- ଘନକୁହୁଡି ହେବା ନେଇ ୧୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

## ସଂଗ୍ରାମୀ ମହୋତ୍ସବ-କୁଟୁମ୍ବ

ରାଜ୍ୟର ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରକୁ ଖୁବ୍‌ଶୀଘ୍ର 'କୁଟୁମ୍ବ' ଯୋଜନାରେ ସାମିଲ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରଠାରେ ଆୟୋଜିତ ୩୯ତମ ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ବରପୁତ୍ରଙ୍କୁ ସମ୍ମାନ ଦେବା ସରକାରଙ୍କ ନୈତିକ ଦାୟିତ୍ୱ। ମହାନ୍ ସ୍ୱାଧୀନତା ସଂଗ୍ରାମୀ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ମହାପ୍ରୟାଣ ଦିବସରେ ଆଜିର ଏହି କାର୍ଯ୍ୟକ୍ରମ ସଂଗ୍ରାମୀମାନଙ୍କ ପ୍ରତି ଅସୀମ ସମ୍ମାନର ପ୍ରତୀକ।

ରାଜ୍ୟ ସରକାର ଓଡ଼ିଆ ଅସ୍ମିତା ଓ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ସଂଗ୍ରାମୀଙ୍କ ବଳିଦାନକୁ ଲୋକଲୋଚନକୁ ଆଣିବା ସହ ଲୋକତନ୍ତ୍ର ସେନାନୀଙ୍କ ସମ୍ମାନ ଓ କଲ୍ୟାଣ ପାଇଁ ପେନ୍‌ସନ୍ ରାଶିକୁ ବୃଦ୍ଧି କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସଂଗ୍ରାମୀଙ୍କ ପରିବାରର ଦାୟାଦମାନଙ୍କୁ ଆତ୍ମନିର୍ଭର ଭାରତ ଗଠନରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି।

ପୂଜ୍ୟ ସଂଗ୍ରାମୀମାନଙ୍କ ଆଦର୍ଶ ଓ ଆଶୀର୍ବାଦ ଆଗାମୀ ଯୁବପିଢ଼ିଙ୍କୁ ରାଷ୍ଟ୍ରଗଠନରେ ଅନୁପ୍ରାଣିତ କରିବ। କାର୍ଯ୍ୟକ୍ରମରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମବାୟ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ସାଂସଦ ଭର୍ତ୍ତୃହରି ମହତାବ ପ୍ରମୁଖ ଉପସ୍ଥିତ ଥିଲେ।

## ସେଣ୍ଟର-ଇଲେକ୍ଟ୍ରୋନିକ୍ସ

କେନ୍ଦ୍ର ସରକାର ଇଲେକ୍ଟ୍ରୋନିକ୍ସ ଉପାଦାନ ଉତ୍ପାଦନ ଯୋଜନାର ତୃତୀୟ ପର୍ଯ୍ୟାୟରେ ୨୨ଟି ନୂତନ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ଏଥିରେ ୪୧ ହଜାର ୮୬୩ କୋଟି ଟଙ୍କା ନିବେଶ କରାଯିବ । ପ୍ରସ୍ତାବିତ ଯୋଜନା ମଧ୍ୟରେ ମୋବାଇଲ୍ ନିର୍ମାଣ, ଟେଲିକମ୍, କଞ୍ଜୁମର୍ ଇଲେକ୍ଟ୍ରୋନିକ୍ସ, ଷ୍ଟ୍ରାଟାଜିକ୍ ଇଲେକ୍ଟ୍ରୋନିକ୍ସ, ଅଟୋମୋଟିଭ୍ ଏବଂ ଆଇ.ଟି. ହାର୍ଡୱେୟାର୍ ସମେତ ୧୧ଟି ଉତ୍ପାଦର ଉତ୍ପାଦନକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ୨ ଲକ୍ଷ ୫୮ ହଜାର କୋଟି ଟଙ୍କାର ଉତ୍ପାଦନ ସୃଷ୍ଟି ହେବା ସହ ପ୍ରାୟ ୩୪ ହଜାର ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି ।

ଏହି ଅବସରରେ ଇଲେକ୍ଟ୍ରୋନିକ୍ସ ଏବଂ ଆଇ.ଟି. ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉଦ୍ୟୋଗୀମାନଙ୍କୁ ସ୍ଥାନୀୟ ସମ୍ବଳ ଉପରେ ଧ୍ୟାନ ଦେବା ସହ ପ୍ରତିଯୋଗିତାମୂଳକ ବିଶ୍ୱ ବଜାରରେ ଉତ୍ପାଦର ଉଚ୍ଚ ମାନଦଣ୍ଡ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ ।

## - V/O -

୨୦୨୬ ମସିହାକୁ ଏକ ଐତିହାସିକ ବର୍ଷ ଭାବେ ଅଭିହିତ କରି ମନ୍ତ୍ରୀ କହିଛନ୍ତି, ଚଳିତ ବର୍ଷରେ ୪ଟି ସେମିକଣ୍ଡକ୍ଟର ୟୁନିଟ୍‌ରେ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ ହେବ । ଇଲେକ୍ଟ୍ରୋନିକ୍ସ ଯୋଗାଣ ଶୃଙ୍ଖଳରେ ଭାରତକୁ ଆତ୍ମନିର୍ଭର କରିବା ପାଇଁ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ ଯୋଜନା ଆରମ୍ଭ କରାଯାଇଥିଲା ।

## ପୁରୀ ରେଳଷ୍ଟେସନ

ରେଲୱେ ସଂସଦୀୟ ଷ୍ଟାଣ୍ଡିଂ କମିଟି ଆଜି ପୁରୀ ଜିଲ୍ଲା ଗସ୍ତ କରି ପୁରୀ ରେଳଷ୍ଟେସନ୍‌ର ତଦାରଖ କରିଛନ୍ତି । ଷ୍ଟେସନର କାର୍ଯ୍ୟର ଅଗ୍ରଗତି ଉପରେ ସମୀକ୍ଷା କରିବା ସହ ପାର୍କିଂ ବ୍ୟବସ୍ଥା, ଯାତ୍ରୀମାନଙ୍କ ପ୍ରତୀକ୍ଷାଳୟ ଗୃହ, ଶୌଚାଳୟ ଓ ପାନୀୟ ଜଳ ବ୍ୟବସ୍ଥା ଉପରେ ରେଳ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ । ପ୍ରତ୍ୟେକ ଦିନ ପୁରୀକୁ ବହୁସଂଖ୍ୟକ ଯାତ୍ରୀ ରେଳ ଯୋଗେ ଶ୍ରୀକ୍ଷେତ୍ରକୁ ଆସିଥାନ୍ତି । ସେମାନଙ୍କ ପାଇଁ ଆନୁଷଙ୍ଗିକ ସୁବିଧା ସହ ଷ୍ଟେସନ ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବା ପାଇଁ ଏହି ଦଳ ପରାମର୍ଶ ଦେଇଥିଲେ ।

## ମାଘ ମେଳା

ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ମାଘ ମେଳା ପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ୧୦୦ରୁ ଊର୍ଦ୍ଧ୍ୱ ସିସିଟିଭି କ୍ୟାମେରା ଲଗାଯିବା ସହ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯିବ । ପାନୀୟ ଜଳ ଆଲୋକୀକରଣର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ମେଳାକୁ ବୁଲା ବିକାଳିଙ୍କ ପ୍ରବେଶ ପାଇଁ କଟକଣା ଲାଗୁ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ଖଣ୍ଡଗିରି ଯାତ୍ରା ପାଇଁ ୭ଟି ପେଣ୍ଡାଲ ଖୋଲାଯାଇଛି । ଆସନ୍ତା ୨୫ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଖଣ୍ଡଗିରିରେ ମାଘ ମେଳା ଆୟୋଜିତ ହେବ ।

## ମକର ମେଳା

କଟକ ଜିଲ୍ଲା ବଡମ୍ବା ତହସିଲ ଅନ୍ତର୍ଗତ ସିଂହନାଥ ପୀଠରେ ଅନୁଷ୍ଠିତ ହେବାକୁ ଥିବା ମକର ମେଳା ପାଇଁ ଟି-ସେତୁ ଉପରେ ଯାନବାହାନ ଚଳାଚଳ ନିଷେଧ କରାଯାଇଛି । ମେଳା ସମୟରେ  ଜନସାଧାରଣଙ୍କ ସୁରକ୍ଷା, ସୁବିଧା ଓ ସୁଚାରୁରୂପେ ଭିଡ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ଆସନ୍ତା ୧୪ ତାରିଖରୁ ୧୭

ତାରିଖ ପର୍ଯ୍ୟନ୍ତ ସକାଳ ୭ଟାରୁ ରାତି ୯ଟା ମଧ୍ୟରେ ସମସ୍ତ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ନିଷେଧ କରାଯିବାକୁ ପଦକ୍ଷେପ ନିଆଯାଇଛି।  ମକର ମେଳା ସମୟରେ ଟି-ସେତୁ ଉପରେ ଗହଳି ତଥା ଭକ୍ତଙ୍କ ଯିବାଆସିବାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି।

## ଦୁର୍ଘଟଣା

ପୁରୀ ଜିଲ୍ଲା ବଳଗଣ୍ଡିଛକ ନିକଟରେ ଘଟିଥିବା ଦୁର୍ଘଟଣାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିଛନ୍ତି। ଏହା ସହ ନିଟକତମ ଆତ୍ମୀୟଙ୍କ ପାଇଁ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

## ହେମନ୍ତ ଶର୍ମା

ରାଜ୍ୟ ଗୃହ ବିଭାଗର ସଚିବ ଭାବେ ହେମନ୍ତ ଶର୍ମା ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ସହ ଜନସାଧାରଣଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯିବ। ଖାଲି ପଡିଥିବା ସରକାରୀ ପଦବୀକୁ ଖୁବ୍ ଶୀଘ୍ର ପୂରଣ କରାଯିବ। ତୃଣମୂଳ ସ୍ତରରେ ପୁଲିସ୍ ପ୍ରଶାସନକୁ ଆହୁରି ମଜଭୁତ କରିବା ପାଇଁ ଶ୍ରୀ ଶର୍ମା ପ୍ରତିକ୍ରିୟାରେ କହିଛନ୍ତି। ସେହିଭଳି ମହିଳା ଏବଂ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ଶ୍ରୀମତୀ ଶର୍ମା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ତଦାରଖ କରିବା ସହ ସମସ୍ତଙ୍କୁ ବିଭାଗୀୟ ବ୍ୟବସ୍ଥାର ସୁପରିଚାଳନା ନିମନ୍ତେ ପରାମର୍ଶ ଦେଇଥିଲେ। ବିଭିନ୍ନ ଯୋଜନାର ସୂକ୍ଷ୍ମସ୍ତରୀୟ ଅନୁଧ୍ୟାନ ଓ ପର୍ଯ୍ୟବେକ୍ଷଣ ସହ ଚଳିତମାସରେ ବିଭାଗ ସଂଯୋଜନାରେ ରାଜ୍ୟ, ଜିଲ୍ଲା ଓ ଡିଭିଜନ ସ୍ତରରେ

ପାଳନ ହେବାକୁ ଥିବା ପାଣି ପଂଚାୟତ ପକ୍ଷ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମର ସଫଳ ଆୟୋଜନ ଉପରେ ଶ୍ରୀମତୀ ଶର୍ମା ଗୁରୁତ୍ୱାରୋପ କରିଥିଲେ।

## ପୋଷଣ ବୈଠକ

**ଖୋର୍ଦ୍ଧା** ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ଅଧ୍ୟକ୍ଷତାରେ ପୋଷଣ କାର୍ଯ୍ୟକ୍ରମ ପରିଚାଳନା ଅଧୀନ ଜିଲ୍ଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିଶୁଙ୍କ ଓଜନ ବୃଦ୍ଧି ପାଇଁ ଆଜିଠାରୁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଓଜନ ଉତ୍ସବ ପ୍ରତ୍ୟେକ ଭିଏଚଏନ୍‌ଡି କେନ୍ଦ୍ରରେ ଅନୁଷ୍ଠିତ ହେଉଛି। ଏହି ଅଭିଯାନକୁ ସଫଳ ରୂପାୟନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଭିଯାନରେ ଆଶା, ଅଙ୍ଗନୱାଡ଼ୀ କର୍ମୀ ସାମିଲ ହେବା ସହ ଶିଶୁଙ୍କ ଯତ୍ନ ପାଇଁ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ।

## ପାଣି ପଂଚାୟତ ପକ୍ଷ

**କେନ୍ଦ୍ରାପଡ଼ା** ଜିଲ୍ଲାପାଳ ରଘୁରାମ ଆର.ଆୟାରଙ୍କ ଅଧ୍ୟକ୍ଷତାରେ 'ପାଣି ପଂଚାୟତ ପକ୍ଷ-୨୦୨୬' ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପଂଚାୟତରେ ପାଣି ପଂଚାୟତର ସୁଫଳ ଓ ଏହାର କାର୍ଯ୍ୟକାରିତା ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ଯୋଜନାଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଜଳ ସମ୍ପଦ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇ ସଚେତନ କରାଯିବ ବୋଲି ଜିଲ୍ଲାପାଳ ମତ ବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମ ଆସନ୍ତା ୬ ତାରିଖରୁ ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ।

## ରଥକାଠ

ପୁରୀ ରଥଯାତ୍ରା ପାଇଁ **ନୟାଗଡ଼** ଜିଲ୍ଲା ଦଶପଲ୍ଲା ବନାଞ୍ଚଳରୁ ପ୍ରଥମ ଗଛ କଟା ଆରମ୍ଭ ହୋଇଛି । ବନାଞ୍ଚଳର ଟାକରା, ପୋଖରୀଗୋଛା ଓ ଚଢ଼େୟାପଲ୍ଲୀ ସେକ୍ସନର ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରଥନିର୍ମାଣ ପାଇଁ ଧଉରା ଓ ଅସନ ଆଦି ଗଛ ଚିହ୍ନଟ କରାଯାଇଛି । ପ୍ରଥମ ଦିନରେ ଆଜି ୩ଟି ଜଙ୍ଗଲରୁ ମୋଟ ୩୦ଟି ଗଛ କଟାଯାଇଛି । ଆସନ୍ତା ଶ୍ରୀପଞ୍ଚମୀ ତିଥିରେ ରଥଖଳାରେ ରଥ ନିର୍ମାଣ ପାଇଁ କାଠ ପୂଜା ଅନୁଷ୍ଠିତ ହେବାକୁ ଥିବାବେଳେ ଏହା ପୂର୍ବରୁ କଟାଯାଇଥିବା କାଠକୁ ରଥଖଳାରେ ପହଞ୍ଚାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

## ବାଲ୍ୟବିବାହ ମୁକ୍ତ

**ନୂଆପଡ଼ା** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଏକକ ବ୍ୟବହାର ପ୍ଲାଷ୍ଟିକ୍ ମୁକ୍ତ ଜିଲ୍ଲା ଏବଂ ବାଲ୍ୟବିବାହ ମୁକ୍ତ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳିରେ ବନବିଭାଗ ଖଡିଆଳ ମହିଳା ବିଦ୍ୟାଳର ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀମାନେ ଯୋଗଦେଇ ସଫେଇ କାର୍ଯ୍ୟ କରିଥିଲେ । ଏହି ଅବସରରେ ଚାରାରୋପଣ କରାଯାଇଥିଲା ।

## ସଡକ ସୁରକ୍ଷା ସଚେତନତା

**ଭଦ୍ରକ** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଡକ ସୁରକ୍ଷା ସମିତି ପକ୍ଷରୁ ସଡକ ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଅଶୋକ ଦାସ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗଦେଇ ଟ୍ରାଫିକ୍ ନିୟମ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିଛନ୍ତି ।

## ସଚେତନତା ଶିବିର

**ଗଞ୍ଜାମ** ଜିଲ୍ଲାର ଛତ୍ରପୁର ତାଲୁକ୍ ଆଇନସେବା କମିଟି ପକ୍ଷରୁ ପରିବେଶଗତ ନ୍ୟାୟ ସମ୍ବନ୍ଧୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଦୌରାଜଜ୍ ପ୍ରଦୀପ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଚାରାରୋପଣ କରି ସୁସ୍ଥ ପରିବେଶ ଗଢ଼ିବା ଦିଗରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଏଥିସହ ଆଇନ୍‌ର ବିଭିନ୍ନ ଦିଗ ଉପରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।

## ଟ୍ରେନ୍-ଚଳାଚଳ

ରେଳ ସଂଯୋଗକୁ ସୁଦୃଢ଼ କରିବା ତଥା ଯାତ୍ରୀମାନଙ୍କ ସୁବିଧା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଗତକାଲିଠାରୁ କେତେକ ଟ୍ରେନ୍‌ର ସମୟ ସାରଣୀରେ ପରିବର୍ତ୍ତନ କରାଯାଇଛି। ଉଦ୍ଧନା-ବ୍ରହ୍ମପୁର-ଉଦ୍ଧନା, ସମ୍ବଲପୁର-ବୌଦ୍ଧ-ସମ୍ବଲପୁର ଏବଂ ବୌଦ୍ଧ-ଭୁବନେଶ୍ୱରନୂଆ-ବୌଦ୍ଧ ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ୍‌କୁ ରେଳବାଇ ପକ୍ଷରୁ ଆରମ୍ଭ କରାଯାଇଛି। ଏଥିସହିତ ୧୪ଟି ଟ୍ରେନ୍‌କୁ ନୂତନ ଗନ୍ତବ୍ୟ ସ୍ଥଳ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଯାତ୍ରା ସମୟକୁ କମାଇବା ପାଇଁ ୧୦ଟି ଟ୍ରେନ୍‌ର ଗତିକୁ ବୃଦ୍ଧି କରାଯାଇଛି। ଯାହାଦ୍ୱାରା କେତେକ ରୁଟ୍‌ରେ ସର୍ବାଧିକ ୩୫ ମିନିଟ୍ ସମୟ ସଞ୍ଚୟ ହେବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି।

# ପାଣିପାଗ

ରାଜ୍ୟରେ ଶୀତଲହରୀ ଜାରି ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆଗାମୀ ଦୁଇଦିନ ମଧ୍ୟରେ ରାଜ୍ୟର ସର୍ବାଧିକ ତାପମାତ୍ର ୨ ରୁ ୩ ଡ୍ରିଗୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ପରବର୍ତ୍ତୀ ସମୟରେ ତାପମାତ୍ରା ହ୍ରାସ ପାଇବାର ସମ୍ଭାବନା ରହିଛି।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ଘନକୁହୁଡୀ ହେବା ନେଇ ଜଗତ୍‌ସିଂହପୁର, ପୁରୀ, କଟକ ଓ ଖୋର୍ଦ୍ଧା ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଘନକୁହୁଡୀ ହେବା ନେଇ କେନ୍ଦ୍ରାପଡା, ଗଜପତି, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, ନୟାଗଡ଼, ଗଞ୍ଜାମ, କନ୍ଧମାଳ ଓ ସୁନ୍ଦରଗଡ଼ ଜିଲ୍ଲାପାଇଁ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି।